# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 12 December – 2025

**********************************

## ମୁଖ୍ୟ ସମ୍ବାଦ

- ଆଧୁନିକ ପ୍ରଯୁକ୍ତିବିଦ୍ୟାର ଉପଯୋଗରେ ଦେଶରେ ଗତ ୧୦ ବର୍ଷରେ ଫସଲ ଉତ୍ପାଦନ ୪୪ ପ୍ରତିଶତ ବୃଦ୍ଧି
- ମାଲକାନଗିରି ଏମ୍.ଭି-୨୬ ଗ୍ରାମର ପରିସ୍ଥିତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ସମୀକ୍ଷା ରିପୋର୍ଟ ପ୍ରଦାନ କଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ
- କୋଣାର୍କ ଇକୋ-ରିଟ୍ରିଟ୍‌କୁ ଆଜି ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଏବଂ

- ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ

# ଆର୍‌ଏସ୍-କର୍ପ ପ୍ରଡକ୍ସନ

ଦେଶରେ ଗତ ୧୦ ବର୍ଷ ମଧ୍ୟରେ ଫସଲ ଉତ୍ପାଦନ ୪୪ ପ୍ରତିଶତ ବୃଦ୍ଧି ପାଇଛି ବୋଲି ଆଜି ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି। ୨୦୧୪ରୁ ୨୦୨୪ ମସିହା ମଧ୍ୟରେ ନୂତନ କିଶମ ବିହନ, ଆଧୁନିକ ପ୍ରଯୁକ୍ତି ବିଦ୍ୟା ଏବଂ ଉନ୍ନତ କୃଷିପଦ୍ଧତି ଯୋଗୁଁ କୃଷି କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ଆଣିବା ସମ୍ଭବ ହୋଇପାରିଛି । କୃଷିକ୍ଷେତ୍ରରେ ବ୍ୟାପକ ବିକାଶ ସୁନିଶ୍ଚିତ କରିବା ଲାଗି ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାର କୃଷକମାନଙ୍କ ଆୟବୃଦ୍ଧି ଏବଂ ସାମଗ୍ରିକ କୃଷି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି । କୃଷି ଉତ୍ପାଦନ ବୃଦ୍ଧି ପାଇଁ ୬ ସୂତ୍ରୀ ରଣନୀତି କାର୍ଯ୍ୟକାରୀ କରାଯାଉଛି ବୋଲି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ।

**V/O (Sibraj Singh Chouhan)**

କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି, ସରକାର କୃଷକମାନଙ୍କୁ ୨ ଲକ୍ଷ କୋଟି ଟଙ୍କାର ସାର ସବ୍‌ସିଡି ପ୍ରଦାନ କରୁଛନ୍ତି । ପ୍ରଧାନମନ୍ତ୍ରୀ କିଶାନ ସମ୍ମାନନିଧି ଅଧୀନରେ ୪ ଲକ୍ଷ କୋଟିରୁ ଅଧିକ ଟଙ୍କା ସିଧାସଳଖ ଡିବିଟି ଜରିଆରେ କୃଷକଙ୍କ ଆକାଉଣ୍ଟକୁ ହସ୍ତାନ୍ତର କରାଯାଇଛି । କେନ୍ଦ୍ରମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ କୃଷକମାନଙ୍କ ଆକାଉଣ୍ଟରେ ୧ଲକ୍ଷ ୯୦ ହଜାର କୋଟି ଟଙ୍କାର ଫସଲ କ୍ଷତିପୂରଣ ରାଶି ଜମା କରାଯାଇଛି ।

## ଏଲ୍‌ଏସ୍‌-ଟିବି

ଦେଶରେ ଯକ୍ଷ୍ମା ମାମଲାର ହାର ୨୧ ପ୍ରତିଶତକୁ ହ୍ରାସ ପାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା  କହିଛନ୍ତି। ଲୋକସଭାରେ ଆଜି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ନଡ୍ଡା କହିଛନ୍ତି, ୨୦୧୫ ମସିହାରେ ପ୍ରତି ଲକ୍ଷେ ଜନସଂଖ୍ୟାରେ ୨୩୭ଜଣ ଯକ୍ଷ୍ମାରେ ପୀଡିତ ଥିବାବେଳେ ୨୦୨୪ ମସିହାରେ ଏହି ସଂଖ୍ୟା ୧୮୭ରେ ପହଞ୍ଚିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଗ୍ଲୋବାଲ ଟିବି ରିପୋର୍ଟ-୨୦୨୫ ଅନୁଯାୟୀ ୨୦୧୫ରୁ ୨୦୨୪ ମସିହା ମଧ୍ୟରେ ଯକ୍ଷ୍ମାଜନିତ ମୃତ୍ୟୁହାର ୨୫ ପ୍ରତିଶତକୁ ହ୍ରାସ ପାଇଛି । ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଦେଶର ସମସ୍ତ ରାଜ୍ୟରେ ଯକ୍ଷ୍ମାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକାରୀ କରାଯାଉଛି । ଏହି ଅଭିଯାନ ଅଧୀନରେ ଚଳିତବର୍ଷ ୨୬ଲକ୍ଷ ୪୩ହଜାର ଯକ୍ଷ୍ମାରୋଗୀ ଚିହ୍ନଟ ହୋଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି ।

## ୟୁପିଏସ୍‌ସି-ପିଡବ୍ଲ୍ୟୁବିଡି

କେନ୍ଦ୍ର ଲୋକସେବା ଆୟୋଗ-ୟୁପିଏସ୍‌ସି ବିଶିଷ୍ଟ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଏହାର ପରୀକ୍ଷା ଗୁଡ଼ିକୁ ଅଧିକ ସୁଲଭ କରିବା ନିମନ୍ତେ ଏକ ପ୍ରମୁଖ ପଦକ୍ଷେପ ଘୋଷଣା କରିଛନ୍ତି । ପ୍ରତ୍ୟେକ ଦିବ୍ୟାଙ୍ଗ ପ୍ରାର୍ଥୀଙ୍କ ଆବେଦନ ଫର୍ମରେ ଦର୍ଶାଯାଇଥିବା ସୂଚନା ଅନୁଯାୟୀ ପ୍ରାର୍ଥୀମାନଙ୍କୁ ସେମାନଙ୍କ ପସନ୍ଦର କେନ୍ଦ୍ର ଆବଣ୍ଟିତ ହୋଇଥିବା ସୁନିଶ୍ଚିତ କରାଯିବ । କାର୍ଯ୍ୟାନ୍ୱୟନ

ପ୍ରକ୍ରିୟାର ଅଂଶବିଶେଷ ସ୍ୱରୂପ ୟୁପିଏସ୍‌ସି ପ୍ରଥମେ ଉଭୟ ପିଡବ୍ଲ୍ୟୁବିଡି ଏବଂ ଅଣ-ପିଡବ୍ଲ୍ୟୁବିଡି ପ୍ରାର୍ଥୀଙ୍କ ପାଇଁ ପ୍ରତ୍ୟେକ କେନ୍ଦ୍ରର ବର୍ତ୍ତମାନର କ୍ଷମତାକୁ ଉପଯୋଗ କରିବ । ଥରେ ଏହି କେନ୍ଦ୍ର ପୂର୍ଣ୍ଣକ୍ଷମତାରେ ପହଞ୍ଚିବା ପରେ ଏହା ଅଣ-ପିଡବ୍ଲ୍ୟୁବିଡି ଆବେଦନକାରୀଙ୍କ ପାଇଁ ଆଉ ଉପଲବ୍ଧ ହେବ ନାହିଁ; କିନ୍ତୁ ପିଡବ୍ଲ୍ୟୁବିଡି ପ୍ରାର୍ଥୀମାନେ ପୁଣିଥରେ ଏହାକୁ ଚୟନ କରିବାକୁ ସକ୍ଷମ ହେବେ । ଆୟୋଗ କହିଛନ୍ତି କୌଣସି ପିଡବ୍ଲ୍ୟୁଡି ଆବେଦନକାରୀ ତାଙ୍କ ପସନ୍ଦଯୋଗ୍ୟ ପରୀକ୍ଷା କେନ୍ଦ୍ରରୁ ବଞ୍ଚିତ ନହେବା ପାଇଁ ଅତିରିକ୍ତ କ୍ଷମତା ବ୍ୟବସ୍ଥା ମଧ୍ୟ କରାଯିବ ।

## ଗାଁ ସମାଧାନ ବୈଠକ

ମାଲକାନଗିରି ଜିଲ୍ଲାର ଏମ୍.ଭି.-୨୬ ଓ ରାଖେଲଗୁଡ଼ା ଗାଁ ମଧ୍ୟରେ ଘଟିଥିବା ଉତ୍ତେଜନାସ୍ଥିତି ଓ ପରବର୍ତ୍ତୀ ଅବସ୍ଥା ସମ୍ପର୍କରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ସମୀକ୍ଷା ରିପୋର୍ଟ ପ୍ରଦାନ କରିଛନ୍ତି। ଗତକାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଉଭୟ ସମ୍ପ୍ରଦାୟର ପ୍ରତିନିଧିଙ୍କ ଅଭିଯୋଗ ଶୁଣିବା ସହ ଦାବିପତ୍ର ଗ୍ରହଣ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ସହ ଆଇନଶୃଙ୍ଖଳା ପରିସ୍ଥିତିକୁ କଡ଼ାକଡ଼ି ପାଳନ ପାଇଁ ଶ୍ରୀ ସିଂହଦେଓ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ମାଲକାନଗିରି ଜିଲ୍ଲାରେ ଇଣ୍ଟରନେଟ୍ କଟକଣାକୁ ଆଉ ୧୨ଟା ଘଣ୍ଟା ଅର୍ଥାତ୍ ଆଜି ରାତି ୧୨ଟା ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହା ସହ ପ୍ରସିଦ୍ଧ ମାଲ୍ୟବନ୍ତ ମହୋତ୍ସବକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥଗିତ ରଖାଯାଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ବୁଝାମଣାପତ୍ର

ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ଏବଂ ଭାସ୍କରାଚାର୍ଯ୍ୟ ଜାତୀୟ ମହାକାଶ ପ୍ରୟୋଗ ଏବଂ ଭୂ-ସୂଚନା ବିଜ୍ଞାନ ସଂସ୍ଥାନ ସହିତ ଆଜି ଭୁବନେଶ୍ୱରଠାରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ପ୍ରଧାନମନ୍ତ୍ରୀ ଗତିଶକ୍ତି ଜାତୀୟ ମାଷ୍ଟରପ୍ଲାନ୍ ଅନ୍ତର୍ଗତ ଏକ ବିସ୍ତୃତ ଓଡ଼ିଶା ଷ୍ଟେଟ୍ ମାଷ୍ଟରପ୍ଲାନ୍ ପ୍ରସ୍ତୁତ କରିବା ଉଦ୍ଦେଶ୍ୟରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ଜଣାପଡିଛି । କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା, ଉନ୍ନୟନ କମିଶନର ଅନୁ ଗର୍ଗ, ବାଣିଜ୍ୟ ପରିବହନ ବିଭାଗର ସଚିବ ଉଷା ପାଢ଼ୀ ଏବଂ ଭାସ୍କରାଚାର୍ଯ୍ୟ ଜାତୀୟ ମହାକାଶ ପ୍ରୟୋଗ ଏବଂ ଭୂ-ସୂଚନା ବିଜ୍ଞାନ ସଂସ୍ଥାନର ମହାନିର୍ଦ୍ଦେଶକ ଉପସ୍ଥିତ ଥିଲେ ।

## କୋଣାର୍କ ଇକୋ ରିଟ୍ରିଟ୍

ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଆୟୋଜିତ କୋଣାର୍କ ଇକୋ ରିଟ୍ରିଟ୍‌କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଆଜି ଉଦ୍‌ଘାଟନ କରିବେ । କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟ ସାଂସଦ ଓ ବିଧାୟକମାନେ

ଯୋଗଦେବେ । ଚନ୍ଦ୍ରଭାଗା ବେଳାଭୂମିରେ ଆୟୋଜିତ ଇକୋ ରିଟ୍ରିଟ୍‌ରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ୭୦ଟି ବିଳାସପୂର୍ଣ୍ଣ ତମ୍ବୁଘର ନିର୍ମାଣ କରାଯାଇଛି । ଏହି ମନୋରମ ପରିବେଶ ମଧ୍ୟରେ ପର୍ଯ୍ୟଟକମାନେ ରାତ୍ରିଯାପନ ସହ ସାମୁଦ୍ରିକ ଜଳକ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ୍ ହୋଇପାରିବେ ।

ଏହାସହ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ପ୍ରଥମ ଜଳ ଦକ୍ଷତା ଓ ଜୀବନରକ୍ଷୀ ତାଲିମ କେନ୍ଦ୍ରର ଉଦ୍‌ଘାଟନ କରିବେ। ଏ ସମ୍ପର୍କରେ ଅଗ୍ନିଶମ ବିଭାଗ ଡିଆଇଜି ଉମାଶଙ୍କର ଦାସ ପ୍ରତିକ୍ରିୟାରେ କହିଛନ୍ତି,

**- V/O - (ଉମାଶଙ୍କର ଦାସ)**

## ଛତିଶାନିଯୋଗ ବୈଠକ

ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳରେ ଆଜି ସନ୍ଧ୍ୟାରେ ଛତିଶାନିଯୋଗର ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ଆସନ୍ତା ୧୬ ତାରିଖଠାରୁ ଜାନୁୟାରୀ ୧୩ ତାରିଖ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ହେବାକୁ ଥିବା ପହିଲି ଭୋଗ ନୀତି ନିର୍ଘଣ୍ଟ ନେଇ ବୈଠକରେ ଆଲୋଚନା ହେବ । ଏଥିସହ ଜାନୁୟାରୀ ୩ ତାରିଖରେ ଦେବାଭିଷେକ ପୂର୍ଣ୍ଣିମା ଓ ମକର ସଂକ୍ରାନ୍ତି ନୀତି ନିର୍ଘଣ୍ଟ ନେଇ ମଧ୍ୟ ଆଲୋଚନା ହେବ । ସେହିପରି ଇଂରାଜୀ ନବବର୍ଷରୁ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି ।

## ଧାନ କ୍ରୟ

ପଶ୍ଚିମ ଓଡ଼ିଶାର ୬ଟି ମଣ୍ଡି- ବରଗଡ଼, ବଲାଙ୍ଗିର, ସମ୍ବଲପୁର, ସୁବର୍ଣ୍ଣପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାରେ ଧାନ କ୍ରୟ ପ୍ରକ୍ରିୟା ଜାରି ରହିଛି। ୭୧ ହଜାର ୧୩୮ ମେଟ୍ରିକ୍‌ଟନ୍ ଧାନ ମଣ୍ଡିରେ ପହଞ୍ଚିଛି। ୧୪ ହଜାର ୨୪୬ ଜଣ ଚାଷୀ ଧାନ ବିକ୍ରି କରିଥିବାବେଳେ ୬୭ ହଜାର ୪୭୦ ମେଟ୍ରିକ୍‌ଟନ୍ ଧାନ ମିଲରମାନେ କ୍ରୟ କରିଛନ୍ତି ବୋଲି ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ କହିଛନ୍ତି। ପ୍ରତ୍ୟେକ ମନ୍ତ୍ରୀଙ୍କୁ ଦୁଇଟି ଜିଲ୍ଲାର ଦାୟିତ୍ୱ ଦିଆଯାଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଅଧିକ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଛନ୍ତି।

## ଗ୍ରାମସଭା

କେନ୍ଦୁଝର ଜିଲ୍ଲାରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ପାଟଣା ବ୍ଲକ୍ ଚେମେଣା ପଂଚାୟତ ଭୃଙ୍ଗରାଜପଶିରେ ପ୍ରଥମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମସଭାରେ ୨୯ ଏକର ଜମି ଅଧିଗ୍ରହଣ ପ୍ରସ୍ତାବ ଉପରେ ଜନସାଧାରଣଙ୍କ ମତାମତ ଗ୍ରହଣ କରାଯାଇଛି।

## ଦୂତୀ ଚାନ୍ଦ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରସ୍ଥିତ ପିଏମ୍‌ଶ୍ରୀ ଅନସ୍ଲୋ ହାଇସ୍କୁଲର ବାର୍ଷିକ କ୍ରୀଡାଉତ୍ସବ ଆଜି ମିନି ଷ୍ଟାଡିୟମ୍ ପରିସରରେ ଉଦ୍‌ଘାଟିତ ହୋଇଛି। କ୍ରୀଡା ଉତ୍ସବରେ ଅଲିମ୍ପିକ୍ସ ଖେଳାଳି ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

## କାଉଁରୀ ମହୋତ୍ସବ

**ନୟାଗଡ଼** ଜିଲ୍ଲା ରାଜସୁନାଖଳା କାଉଁରୀ ମହୋତ୍ସବ- ୨୦୨୫ରେ ମୁଖ୍ୟଅତିଥି ଭାବେ ବାଚସ୍ପତି ସୁରମା ପାଢ଼ୀ ଏବଂ ସମ୍ମାନିତ ଅତିଥି ଭାବେ ପଞ୍ଚାୟତିରାଜମନ୍ତ୍ରୀ ରବି ନାରାୟଣ ନାୟକ ଯୋଗ ଦେଇଥିଲେ। ମହୋତ୍ସବ ଆମର ସମୃଦ୍ଧ ସଂସ୍କୃତି ଓ ପରମ୍ପରାକୁ ପୁନର୍ଜୀବିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା କଳାକାରମାନେ ସେମାନଙ୍କର କଳା ପ୍ରଦର୍ଶନ କରିଥିଲେ।

## ଆସ ସ୍କୁଲ ଯିବା

**ଭଦ୍ରକ** ଜିଲ୍ଲାର ବିଭିନ୍ନ ସ୍ଥାନରେ 'ଆସ ସ୍କୁଲ ଯିବା' ଶିକ୍ଷା ସଭା କାର୍ଯ୍ୟକ୍ରମ ଜିଲ୍ଲାର ସାଧନ କେନ୍ଦ୍ର ଓ ଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ହୋଇଛି। ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ବିଦ୍ୟାଳୟକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ସଭାରେ ପ୍ରଧାନଶିକ୍ଷକ ଏବଂ ଶିକ୍ଷାବିତ୍ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ।

## ସିଭିଲ୍ ସର୍ଭିସ୍ ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଗ - ଓ.ପି.ଏସ୍.ସି.ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍‌ର ମୁଖ୍ୟ ଲିଖିତ ପରୀକ୍ଷା ଆସନ୍ତା ଜାନୁୟାରୀ ୩୧

ତାରିଖରୁ ଆରମ୍ଭ ହେବ । ଏଥିରେ ମୋଟ୍ ୨ ହଜାର ୪୦୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ ବୋଲି ଆୟୋଗ ପକ୍ଷରୁ ସୂଚନା ମିଳିଛି ।

## ସଭାଗୃହ ଉଦ୍‌ଘାଟନ

ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆଜି **ନବରଙ୍ଗପୁର** ଜିଲ୍ଲା ଉମରକୋଟ ବ୍ଲକ୍ ଗସ୍ତ କରି ୪୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ନୂତନ ସଭାଗୃହର ଉଦ୍‌ଘାଟନ କରିଛନ୍ତି । ପରେ ମନ୍ତ୍ରୀ ଶ୍ରୀ ଗଣ୍ଡ ୧୨ ନମ୍ବର ୱାର୍ଡ୍‌ରେ ୧୨୦ ଜଣ ବସ୍ତିବାସିନ୍ଦାଙ୍କୁ କମ୍ବଳ ବଣ୍ଟନ କରିଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

## ଶୀତ ଲହରୀ

ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ ବାୟୁ ରାଜ୍ୟ ମଧ୍ୟକୁ ପ୍ରବେଶ କରୁଥିବାରୁ ଶୀତର ପ୍ରଭାବ ବୃଦ୍ଧି ପାଇଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ କନ୍ଧମାଳ ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୩ ଦଶମିକ ୧ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି । କୋରାପୁଟ ସିମିଳିଗୁଡ଼ାରେ ୩ ଦଶମିକ ୬ ଡିଗ୍ରୀ, ଝାରସୁଗୁଡ଼ାରେ ୭ ଦଶମିକ ୧, ରାଉରକେଲାରେ ୭ ଦଶମିକ ୨, ସମ୍ବଲପୁର ୧୦ ଦଶମିକ ୮, ଭୁବନେଶ୍ୱରରେ ତାପମାତ୍ରା ୧୨ ଦଶମିକ ୬ ଡିଗ୍ରୀ ସେଲିସିୟସ୍ ରେକର୍ଡ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଶୀତର ଲହରୀ ବୃଦ୍ଧି ପାଇବା ନେଇ ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ଅନୁଗୁଳ ଜିଲ୍ଲାପାଇଁ ସତର୍କ ସୂଚନା ଜାରି କରାଯାଇଛି ।